# ଆସାମର କୁଡୁମି ଜାତି ଓ କୁଡୁମାଲୀ ସଂସ୍କୃତି

ଶ୍ରୀ ଦୀନବନ୍ଧୁ ମହାନ୍ତ

ଭାରତର ବିଭିନ୍ନ ପ୍ରଦେଶ ମଧ୍ୟରୁ ଆସାମ ଏକ ବୈଚିତ୍ରପୂର୍ଣ୍ଣ ରାଜ୍ୟ । ବିଭିନ୍ନ ଜାତି ଉପଜାତିର ସାଂସ୍କୃତିକ ବିଭବ ଦ୍ୱାରା ସମୃଦ୍ଧଶାଳୀ ଏ ପ୍ରଦେଶ । ଆସାମର ତିନି ପାର୍ଶ୍ୱ ବିଭିନ୍ନ ଭାଷା ଓ ଜାତିର ଦେଶ ଦ୍ୱାରା ପରିବେଷ୍ଟିତ ହେବା ସଙ୍ଗେ ସଙ୍ଗେ ଲଂଘନୀୟ ଗିରିପଥ ଥିବା ପର୍ବତ ଶ୍ରେଣୀ ଦ୍ୱାରା ପୃଥକ ହୋଇଛି । ଫଳରେ ପ୍ରାଚୀନ କାଳରୁ ସାମ୍ପ୍ରତିକ କାଳ ପର୍ଯ୍ୟନ୍ତ ଆସାମ, ବ୍ରହ୍ମଦେଶ, ତିବ୍ୱତ, ଭୁଟାନ୍ ଏବଂ ଚୀନ ମଧ୍ୟରେ ବାଣିଜ୍ୟ ଓ ସଂସ୍କୃତିର ପଥ ଆକାରରେ ରହି ଆସିଛି । ବ୍ରହ୍ମପୁତ୍ର ନଦୀର ପ୍ରବାହ ଦ୍ୱାରା ଏହାର ମାଟି ଉର୍ବର ଏବଂ ଶସ୍ୟଶ୍ୟାମଳା ଓ ପ୍ରାଚୁର୍ଯ୍ୟଭରା । ଖାଦ୍ୟ ପଦାର୍ଥର ପ୍ରାଚୁର୍ଯ୍ୟ ଓ ସ୍ୱାସ୍ଥ୍ୟପ୍ରଦ ଜଳବାୟୁ ପାର୍ଶ୍ୱବର୍ତ୍ତୀ ରାଜ୍ୟର ଲୋକଙ୍କୁ ଆକୃଷ୍ଟ କରିଛି ଏବଂ ସେମାନେ ଆସାମକୁ ଆସି ଏଠାରେ ରହି ଯାଇଛନ୍ତି । କାଳକ୍ରମେ ସେମାନଙ୍କ ସ୍ୱକୀୟ ସଂସ୍କୃତିର ମୂଳ ଉପାଦାନମାନ ନୂତନ ମାଟିର ସାଂସ୍କୃତିକ ଅଙ୍ଗରେ ମିଶି ଯାଇଛି । ଏହି ରାଜ୍ୟ ମା କାମାକ୍ଷା ଦେବୀଙ୍କ ପୀଠସ୍ଥଳୀ ରୂପେ ସାରା ଭାରତରେ ବିଦିତ । ଦିନଥିଲା ଏଠାକାର ସ୍ତ୍ରୀ ଲୋକମାନେ ତନ୍ତ୍ରମନ୍ତ୍ର ବିଦ୍ୟାରେ ଥିଲେ ଅତ୍ୟନ୍ତ ଧୁରନ୍ଧର । ସେମାନେ ନବାଗତ ପୁରୁଷ ଲୋକମାନଙ୍କୁ ମନ୍ତ୍ରବଳରେ ଦିନବେଳେ ମେଣ୍ଢା କରି ଦେଉଥିଲେ ବୋଲି ଲୋକେ ବିଶ୍ୱାସ କରୁଥିଲେ । ତେଣୁ ଯେ ଆସାମକୁ ଯାଏ ସେ ଆଉ ଫେରିଆସେ ପାରେ ନାହିଁ ବୋଲି ଆସାମକୁ ଯିବା ପାଇଁ ଲୋକେ ଭୟ କରୁଥିଲେ । କିନ୍ତୁ ବାସ୍ତବ କଥା ଏହି ଯେ, ଏହାର ନୈସର୍ଗିକ ସୌନ୍ଦର୍ଯ୍ୟ ଏବଂ ଅସମୀୟ ରମଣୀମାନଙ୍କ ବିହୁ ନାଚ଼ର ଏକ ବିଶେଷ ଭଙ୍ଗୀ ପୁରୁଷମାନଙ୍କୁ ଏପରି ସମ୍ମୋହିତ କରୁଥିଲା ଯେ ସେମାନେ ନିଜ ଦେଶ କଥା ସମ୍ପୂର୍ଣ୍ଣ ଭୁଲି ଯାଉଥିଲେ । ଅସମୀୟ ନାରୀ ଯେ କେବଳ ବିହୁ ନାଚ଼ରେ ପୁରୁଷ ମାନଙ୍କୁ ଆକର୍ଷଣ କରୁଥିଲେ ବା ମୋହିନୀ ବିଦ୍ୟାରେ ବଶୀଭୂତ କରୁଥିଲେ, କେବଳ ସେତିକି ନୁହେଁ, ସେମାନେ ଦେଖିବାକୁ ମଧ୍ୟ ଖୁବ୍ ସୁନ୍ଦରୀ । ୧୮୩୭ ମସିହାରେ ମିଃ. ଜେ. ମା'କୋଶ ତାଙ୍କ Topography of Assam ପୁସ୍ତକରେ ଅସମୀୟ ନାରୀ ସମ୍ପର୍କରେ ଲେଖିଛନ୍ତି – The women form a striking contract to men - they are very faie indeed, fairer than any race I have seen in India and many of them would be acknowledged beautiful in any part of the world. ଏହିପରି ଏକ ରମଣୀୟ ପ୍ରାଣ ପ୍ରାଚୁର୍ଯ୍ୟଭରା ଦେଶକୁ ଇଂରେଜମାନେ ୧୮୨୬ ମସିହାରେ ଅଧିକାର କଲେ । ଆସାମର ମାଟି ଚା' ଚାଷ ପାଇଁ ଉପଯୋଗୀ ଜାଣି ବିସ୍ତିର୍ଣ୍ଣ ଅଞ୍ଚଳରେ ଚା' ଚାଷ ଆରମ୍ଭ କଲେ । ପ୍ରଥମ ଅବସ୍ଥାରେ ଅସମୀୟା ଲୋକମାନେ ଚା' ବଗିଚାରେ କାମ କରୁଥିଲେ, କିନ୍ତୁ ଅଧିକ ଚା' ବାଗାନ୍ ଖୋଲା ହେବାରୁ ଶ୍ରମିକ ସମସ୍ୟା ସୃଷ୍ଟି ହେଲା । ତଦୁପରି ସ୍ଥାନୀୟ ଆଦିବାସୀମାନେ ବିଶେଷ ଦକ୍ଷ ଓ କର୍ମପରାୟଣ ନଥିଲେ । ତେଣୁ ଇଂରେଜମାନେ ଭାରତର ବିଭିନ୍ନ ପ୍ରଦେଶରୁ ଶ୍ରମିକ ଆଣିବାକୁ ବାଧ ହେଲେ । କିନ୍ତୁ ସେମାନଙ୍କ ଦ୍ୱାରା ସହଜରେ ଶ୍ରମିକ ପାଇବା କଷ୍ଟକର ହେବାରୁ କିଛି ଦଲାଲଙ୍କୁ ଉକ୍ତ କାର୍ଯ୍ୟରେ ନିଯୁକ୍ତି କଲେ । ଦଲାଲମାନେ କହିଲେ ଯେ ଆସାମର ଚା' ଗଛ ହଲାଇ ଦେଲେ ମୁଠା ମୁଠା ଟଙ୍କା ମିଳେ । ସେମାନେ ସେଠାକୁ ଗଲେ ସୁଖରେ ରହିବେ ଏବଂ ଅଳ୍ପ ଦିନ ମଧ୍ୟରେ ପ୍ରଚୁର ଟଙ୍କା ଉପାର୍ଜନ କରି ସ୍ୱଦେଶକୁ ଫେରି ଆସି ପାରିବେ । ଏହାଥିଲା ଦଲାଲ୍ ମାନଙ୍କର ପ୍ରଲୋଭନ, କିନ୍ତୁ ସେମାନଙ୍କ ମଧ୍ୟରୁ ବେଶି ଭାଗ ଲୋକଙ୍କୁ ଅନିଚ୍ଛାକୃତ ଭାବରେ ନିଆଯାଇଥିବା କଥା ସାର ହେନେରୀଙ୍କ ଏକ ଲେଖାରୁ ଜଣାଯାଏ । ସେ ତାଙ୍କ ଏକ ପୁସ୍ତକରେ ଲେଖିଛନ୍ତି – It is infact an induced immigration rather than voluntary one.

ଯାହେତୁ ଦଲାଲମାନଙ୍କର ମିଥ୍ୟା ପ୍ରଲୋଭନରେ ପଡ଼ି ବଙ୍ଗ, ବିହାର, ଓଡ଼ିଶାରୁ ହଜାର ହଜାର ଶ୍ରମିକ ନିଜ ଭିଟାମାଟି ଛାଡି ଆସାମକୁ ଯିବାକୁ ଲାଗିଲେ । ସେଠାକୁ ଯାଇଥିବା ସାନ୍ତାଳ, ମୁଣ୍ଡା, କୁମ୍ଭାର, କମାର, ଓରାଂ, ତନ୍ତୀ, ତେଲୀ, ପ୍ରଧାନ, ମହାନ୍ତି, ପାଇକ ପ୍ରଭୃତି ୧୪୦ ଟା ଜାତି ମଧ୍ୟରୁ କୁର୍ମିଜାତି ଅନ୍ୟତମ । ଚା’ ବଗିଚାରେ କାମ କରିବା ପାଇଁ ସେମାନଙ୍କୁ ଆସାମର ନଗାଓଁ, କାମରୂପ, ଶିବସାଗର, ଦିବ୍ରୁଗଡ଼, ଗୋଓ୍ୱାଲାପାଲା ଏବଂ ଲକ୍ଷ୍ମୀମପୁର ଜିଲ୍ଲାମାନଙ୍କୁ ପ୍ରେରଣ କରାଯାଇଥିଲା । ସେମାନେ ଯେଉଁ ସ୍ୱପ୍ନ ନେଇ ଆସାମ ଯାଇଥିଲେ, ତାହା ବାସ୍ତବ ହେବାତ ଦୂରର କଥା ପଶୁଭଳି ଖଟି ଖଟି ଭୋକ ଉପାସ ଓ ନିର୍ଯ୍ୟାତନର ଶିକାର ହୋଇ ଅତି ଦୟନୀୟ ଅବସ୍ଥାରେ ଜୀବନଯାପନ କରିବାକୁ ବାଧ୍ୟ ହୋଇଥିଲେ । ନିମ୍ନୋକ୍ତ ଝୁମର ଗୀତରେ ଏହା ସ୍ପଷ୍ଟ ପ୍ରତିଫଳିତ :

‘‘ସର୍ଦ୍ଦାର ବଲେ କାମ କାମ  
ବାବୁ ବଲେ ଧରିଆନ  
ସାହେବ ବଲେ ଲିବ ପିଠେର ଚାମ  
ହାୟରେ ନିଧିରାମ୍, ଫାଙ୍କି ଦିୟେ ପାଠାଲି ଆସାମ’’

ଆସାମର ଚା’ ଜନଗୋଷ୍ଠୀର ଏକ ବୃହତ ଅଂଶ କୁର୍ମିସମ୍ପ୍ରଦାୟର ଲୋକ । ସେମାନଙ୍କ ମଧ୍ୟରୁ ପ୍ରାୟ ୫ ଶତାଂଶ କୁର୍ମିଏବଂ ଏବେ ୪ ଶତାଂଶ କୁର୍ମିଗ୍ରାମାଞ୍ଚଳରେ ବସବାସ କରି କୃଷି କର୍ମକୁ ହିଁ ଜୀବନ ବୃତ୍ତି ରୂପେ ଗ୍ରହଣ କରି ନେଇଛନ୍ତି । ଏବେ ଏମାନଙ୍କ ସଂଖ୍ୟା ପ୍ରାୟ ୫ ଲକ୍ଷ ହେବ ବୋଲି ଜଣାଯାଏ ।

କୁଡୁମି ଜାତି ମୂଳତଃ ଛୋଟନାଗପୁର ମାଳ ଅଞ୍ଚଳରୁ ଓଡ଼ିଶା, ପଶ୍ଚିମବଙ୍ଗ ଓ ଆସାମକୁ ସ୍ଥାନାନ୍ତରିତ ହୋଇଥିବା କଥା ଅନେକ ଜାଣନ୍ତି । ଓଡ଼ିଶା, ଝାରଖଣ୍ଡ ଓ ପଶ୍ଚିମବଙ୍ଗ ମଧ୍ୟରେ ଯୋଗାଯୋଗର ସୁବିଧା ଥିବାରୁ ସାଂସ୍କୃତିକ ଓ ସାମାଜିକ ବନ୍ଧନ ଅତୁଟ ରହିଛି । କିନ୍ତୁ ସୁଦୂର ଆସାମରେ ଥିବା କୁଡୁମିମାନଙ୍କ ସମ୍ପର୍କରେ ଆମର ଧାରଣା ଅସ୍ପଷ୍ଟ । ଦୂରତ୍ୱ ସହିତ ଅସମୀୟା ଭାଷା, ସଂସ୍କୃତି ବିଷୟରେ ଆମେ ଅପରିଚିତ ଥିବାରୁ ଅନେକ ଭ୍ରାନ୍ତ ଧାରଣା ସୃଷ୍ଟି ହେବା ସ୍ୱାଭାବିକ । ସେମାନଙ୍କ ସମ୍ପର୍କରେ ଜାଣିବାର ଅଦମନୀୟ ଉତ୍କଣ୍ଠା ଥିବାରୁ ଅସମୀୟା ଭାଷା ଶିକ୍ଷା ପରେ ମୁଁ ଆସାମକୁ ତିନିଥର ଯାଇଥିଲେ ମଧ୍ୟ କୌଣସି କୁଡୁମି ଲୋକଙ୍କ ସଂସ୍ପର୍ଶରେ ଆସି ପାରି ନଥିଲି । ଗତ ୧୯୮୨ ମସିହାରେ ଆସାମର ନଗାଓଁ ସହରରେ ଦଶ ଦିନ ରହିଥିଲେ ମଧ୍ୟ ନିର୍ଦ୍ଧାରିତ କାର୍ଯ୍ୟକ୍ରମର ସୀମା ଲଙ୍ଘନ କରିବା ସମ୍ଭବପର ନଥିଲି । ଯା’ହେଉ ମନରେ ପ୍ରବଳ ଆଗ୍ରହ ଥିବାରୁ ଦିନେ ନଗାଓଁ ବି.ଟି. କଲେଜର ଅଧ୍ୟକ୍ଷ ଶ୍ରୀଯୁକ୍ତ ହରେଶ୍ୱର ଗୋସ୍ୱାମୀଙ୍କୁ ସାକ୍ଷାତ କରି ପ୍ରଫୁଲ୍ଲ ମହନ୍ତଙ୍କ ବିଷୟରେ କିଛି ସୂଚନା ଦେବାକୁ ଅନୁରୋଧ କଲି । ସେ ମୋତେ କହିଲେ, ‘‘ଆପଣ କେଉଁ ପ୍ରଫୁଲ୍ଲ ମହନ୍ତ କଥା କହୁଛନ୍ତି ? ଆମ ଆସାମରେ ତିନି ଜଣ ସୁପରିଚିତ ପ୍ରଫୁଲ୍ଲ ମହାନ୍ତ ଅଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ନଗାଓଁର ବିଶିଷ୍ଟ ଆଇନ୍‌ଜୀବୀ ଜଣେ ପ୍ରତିଷ୍ଠିତ ଲେଖକ ଏବଂ ଅନ୍ୟଜଣେ ଲୋକପ୍ରିୟ ଛାତ୍ରନେତା । ସେ ସମୟରେ ଭାଷା କେନ୍ଦ୍ରର ଅଧ୍ୟାପକ ଶ୍ରୀଯୁକ୍ତ ତାରିଣୀକାନ୍ତ ଗୋସ୍ୱାମୀ ଓ ଅଧ୍ୟାପିକା ଶ୍ରୀମତୀ ଭାମତୀ ଦେବୀ ମୋତେ ଦେଇଥିବା ତଥ୍ୟରୁ ମନରେ ଦୀର୍ଘଦିନ ବସା ବାନ୍ଧିଥିବା ଅନେକ ଭ୍ରାନ୍ତ ଧାରଣା ଦୂର ହେଲା ।

ଆସାମର ବୈଷ୍ଣବଧର୍ମ ପ୍ରବର୍ତ୍ତକ ଶ୍ରୀମନ୍ତ ଶଙ୍କର ଦେବଙ୍କ ସମୟର ‘ମହନ୍ତ’ ସଞ୍ଜ୍ଞାର ସୃଷ୍ଟି ଏବଂ ପରବର୍ତ୍ତୀ କାଳରେ ଏହି ସଂଜ୍ଞାଧାରୀ ବହୁ କବି ଓ ଲେଖକ ଅସମୀୟା ସାହିତ୍ୟକୁ ସମୃଦ୍ଧିଶାଳୀ କରିଛନ୍ତି । ଅଷ୍ଟାଦଶ ଶତାବ୍ଦୀର ରାମାୟଣୀ ସାହିତ୍ୟ ସ୍ରଷ୍ଟା ରଘୁନାଥ ମହାନ୍ତ, ଶିଶୁ ସାହିତ୍ୟିକ ବଳଦେବ ମହନ୍ତ, ନାଟ୍ୟକାର ମିତ୍ରଦେବ ମହନ୍ତ, ଗଦ୍ୟଯୁଗର ଲେଖକ ରତ୍ନେଶ୍ୱର ମହନ୍ତ ପ୍ରମୁଖ ଅସମୀୟା କିନ୍ତୁ କୁଡୁମି ନୁହଁନ୍ତି । ଭୁବନେଶ୍ୱର ଭାଷାକେନ୍ଦ୍ରର ଅଧ୍ୟାପକ ଡ଼ଃ ଫଣିନ୍ଦ୍ର ନାରାୟଣ ଦତ୍ତବରୁଆଙ୍କ ଦିଗ୍‌ଦର୍ଶନରେ ଅନୁଧ୍ୟାନ କରି କୁଡୁମି ସଂସ୍କୃତିର ପ୍ରଖ୍ୟାତ ଗବେଷକ

ଶ୍ରୀଯୁକ୍ତ ସୁଶୀଲ କୁର୍ମିଙ୍କର ପରିଚ଼ୟ ପାଇଲି ତାଙ୍କ ଚିଠି ଓ ସ୍ୱ ରଚିତ ପୁସ୍ତକ ମାଧ୍ୟମରେ । ପରବର୍ତ୍ତୀ ସମୟରେ ଶ୍ରୀମତୀ ଭାମତୀ ଦେବୀଙ୍କର ପରାମର୍ଶ ନେଇ ଯେଉଁ ଦୁଇଜଣ ଯୁବ ଲେଖକଙ୍କ ପରିଚ଼ୟ ପାଇଛି, ସେମାନେ ହେଲେ ଶିବସାଗର ଜିଲ୍ଲାର ଜୟନ୍ତ କୁର୍ମିଓ ଜୟରାମ କୁର୍ମି । ସେହି ଦୁଇ 'ମାନସ ଚକ୍ଷୁ' ସାହାଯ୍ୟରେ ଆସାମରେ ଥିବା କୁଡୁମି ସମାଜ ସମ୍ପର୍କରେ ସମୁଦ୍ରରୁ ବାଲି କଣା ପରି କଛି ତଥ୍ୟ ସଂଗ୍ରହ କରିବାକୁ ମୁଁ ସକ୍ଷମ ହୋଇଛି ।

ଆସାମରେ ପ୍ରାୟ ୫ ଲକ୍ଷ କୁଡୁମି ମାନଙ୍କ ମଧ୍ୟରୁ ଆସାମର ଶିବସାଗର ତେଜପୁର ଓ ଦିବ୍ରୁଗଡ଼ ଜିଲ୍ଲାରେ ସଂଖ୍ୟାଧିକ ଥିବାର ଜଣାଯାଏ । ସଂଖ୍ୟାଧିକ କୁଡୁମି ନାମ ଶେଷରେ 'କୁର୍ମି' ଏବଂ କେତେକ 'ମାହାତୋ', 'ମାହାଓା', 'ମାହାତ୍ୱ', 'ମେହତା' ଯୋଗ କରିଥାନ୍ତି । ଅବିଭକ୍ତ ବିହାରର ଧାନବାଦ, ହଜାରିବାଗ୍‌, ରାଞ୍ଚି, ପଶ୍ଚିମବଙ୍ଗର ପୁରୁଲିଆ ଅଞ୍ଚଳରୁ ଯାଇଥିବାକଥା ଏବେ ବି ସେମାନେ ମନେ ପକାନ୍ତି । ବିବାହ ବନ୍ଧନ ସମୟରେ ନିଜ ବଂଶ (କାଳୁଆର, ଶାଙ୍ଖୁଆର, ହେନ୍ତ୍ରମ୍‌, ପୁନରିଆର, ଟିଳୁଆର ଆଦି) ଉପରେ ଗୁରୁତ୍ୱ ଆରୋପ କରିଥାନ୍ତି । ଓଡ଼ିଶାରେ ଏବେ କେତେକ ଶିକ୍ଷିତ ବ୍ୟକ୍ତି ବଶିଷ୍ଠ, ଭରଦ୍ୱାଜ ଆଦି ଗୋତ୍ର ଯୋଡ଼ି ନିଜକୁ ଆର୍ଯ୍ୟ ବଂଶୋଦ୍ଭବ ବୋଲି ପରିଚ଼ୟ ଦିଅନ୍ତି, କିନ୍ତୁ ଆସାମରେ ଗୋତ୍ର ଉପରେ ଗୁରୁତ୍ୱ ଆରୋପ କରନ୍ତି ନାହିଁ । ତେବେ 'କୁର୍ମି' କ୍ଷତ୍ରିୟ ଗୋତ୍ରମାଳାର ଆବିଷ୍କାରକ ନିରଞ୍ଜନ ମହାରାଜଙ୍କୁ ପଶ୍ଚିମବଙ୍ଗର ବାଙ୍କୁଡ଼ା ଜିଲ୍ଲାର ଅଧିବାସୀ ବୋଲି ସେମାନେ ବିଶ୍ୱାସ କରନ୍ତି । ଓଡ଼ିଶାରେ ହୋ, ମୁଣ୍ଡା, ସାନ୍ତାଳ ଆଦି ଜାତି ଆଦିବାସୀ ତାଲିକାରେ ଥିବାବେଳେ ଆସାମରେ କୁଡୁମି ସମେତ ସମସ୍ତ ଜାତି ଚା' ଜନଜାତି ରୂପେ ସ୍ୱୀକୃତପ୍ରାପ୍ତ ଏବଂ ଅଧିକ ଅନ୍ୟ ପଛୁଆ ଜାତି ତାଲିକାରେ ଥାଇ କେତେକ ସ୍ୱତନ୍ତ୍ର ସୁବିଧା ଉପଭୋଗ କରୁଛନ୍ତି । କିନ୍ତୁ ଉଲ୍ଲେଖନୀୟ ଏହି ଯେ ଓଡ଼ିଶାରେ କୁର୍ମିକ୍ଷତ୍ରୀୟ ଆନ୍ଦୋଳନ ମ୍ଳାନ ପଡ଼ି ଯାଇଥିବାବେଳେ ଆସାମର 'କୁର୍ମିକ୍ଷତ୍ରିୟ ଛାତ୍ରସଭା' ଓ 'କୁର୍ମିକ୍ଷତ୍ରିୟ ମହିଳା ସଭା' ନାମରେ ଦୁଇଟି ସଂଗଠନ ସହିତ ଶିବସାଗର ଜିଲ୍ଲାରେ ଚରାଇଦେଇ ଜିଲ୍ଲା ମାହାତ୍ୱ ସମିତି ନାମରେ ଏକ କୁଡୁମି ସଂଗଠନ ରହିଛି । ଏହା ବ୍ୟତୀତ କୁଡୁମାଲୀ ଭାଷା ସଂସ୍କୃତିର ବିକାଶ ପାଇଁ 'ଆସାମ କୁଡୁମାଲୀ ସାହିତ୍ୟ ସଭା' ନାମରେ ଏକ ପ୍ରତିଷ୍ଠାନ ମଧ୍ୟ ଥିବାର ଜଣାଯାଏ ।

ଅସମୀୟା ସମାଜ ଦୃଷ୍ଟିରେ ଚା' ଜନଜାତି ବା କୁଡୁମି ଜାତି ବହିରାଗତ ନୁହଁନ୍ତି । ସେମାନେ ଆସାମରେ ପାଦ ଦେବା ଦିନଠାରୁ ଅସମୀୟା ରୂପେ ପରିଚିତ ହେଲେ ମଧ୍ୟ ନିଜସ୍ୱ ସଂସ୍କୃତି ଓ ପରମ୍ପରା ବଜାୟ ରଖି ଉଭୟ ସଂସ୍କୃତିର ତୁଳନାତ୍ମକ ଅଧ୍ୟୟନ କରି ଅସମୀୟା ସମାଜର ଶ୍ରଦ୍ଧାଭାଜନ ହୋଇ ପାରିଛନ୍ତି । ଭାଷା ଦୃଷ୍ଟିରୁ ବିଚାର କଲେ ଅସମୀୟା ଓ କୁଡୁମାଲୀ ଭାଷା ମଧ୍ୟରେ ଧ୍ୱନି ବିଜ୍ଞାନ, ବାକ୍ୟ ବିଜ୍ଞାନ ଓ ଅର୍ଥ ବିଜ୍ଞାନ ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି । କୁଡୁମାଲୀ ଭାଷୀ ପାଇଁ ଅସମୀୟା ଶିଖିବା ଯେତିକି ସହଜ, ଓଡ଼ିଆ ଭାଷୀ ସେତିକି ସହଜ ନୁହେଁ । ଏହା ବ୍ୟତୀତ ସଂସ୍କୃତି ଦୃଷ୍ଟିରୁ ଅସମୀୟା ସମାଜ କୁଡୁମି ସଂସ୍କୃତିର ବିଭିନ୍ନ ଉତ୍ସବ ସହିତ ଏକତ୍ୱ ଅନୁଭବ କରନ୍ତି । ବାନ୍ଦନା ପର୍ବ ଓ ଆସାମର ରଙ୍ଗାଲି ବିହୁର ଗୋ-ପୂଜନ ମଧ୍ୟରେ ବିଶେଷ ପାର୍ଥକ୍ୟ ନାହିଁ । ପାର୍ଥକ୍ୟ କେବଳ ପାଳନର ସମୟ । ଆସାମର ଲକ୍ଷ୍ମୀପୂଜା ଏବଂ ଟୁସୁପର୍ବ ମଧ୍ୟରେ ଅନେକ ମେଳ ଅଛି । ସର୍ବୋପରି ଝୁମର ଗୀତର ସ୍ୱରରେ ଉନ୍ମାଦିତ ଯୁବକ ଯୁବତୀର ମନ ଏବଂ ବିହୁ ଗୀତର ସ୍ୱରରେ ଉନ୍ମାଦିତ ଯୁବକ ଯୁବତୀର ମନ ମଧ୍ୟରେ କୌଣସି ପାର୍ଥକ୍ୟ ଦେଖାଯାଏ ନାହିଁ ବୋଲି ଅସମୀୟା କବି ଲେଖକମାନେ ସ୍ୱୀକାର କରିଛନ୍ତି ।

ଗୋରୁ ବିହୁ ଓ ବାନ୍ଦନାପର୍ବ ମଧ୍ୟରେ ଅନେକ ସାମ୍ୟ ରହିଥିବା କଥା ଗବେଷକମାନେ ପ୍ରମାଣିତ କରିଛନ୍ତି । ରଙ୍ଗାଲି ବିହୁ ବିଷୁବ ସଂକ୍ରାନ୍ତିଠାରୁ ସାତ ଦିନ ଧରି ପାଳିତ ହୁଏ । ପ୍ରଥମ ଦିନ ଗୋରୁ ବିହୁ ଅର୍ଥାତ୍‌ ଗୋ ସେବାର ଦିନ । ଗୋରୁ ଗାଈଙ୍କୁ ଧୋଇ ଆଣିବା ବେଳେ

ଗାଆନ୍ତି –　　ଲାଉ ଖା ବେଙ୍ଗେନା ଖା
　　　　　　ବଛରେ ବଛରେ ବାଢ଼ି ଯା ।

ଦ୍ୱିତୀୟ ଦିନ ମାନୁହ୍ ବିହୁ । ଏହିଦିନ ରାତିରେ ଗ୍ରାମବାସୀ ଦଳବଦ୍ଧ ହୋଇ ଢୋଲ, ପେଁପା ଆଦି ବାଦ୍ୟଯନ୍ତ୍ର ନେଇ ପ୍ରତ୍ୟେକ ପରିବାରକୁ ଯାଆନ୍ତି । ଯେହେତୁ 'ବଛରେକର ଦୋମାହିତ ଫୁରିବର ନିୟମ' ଅର୍ଥାତ୍ ବର୍ଷରେ ଥରେ ବିଷୁବ ସଂକ୍ରାନ୍ତି ଦିନ ବୁଲିବାର ନିୟମ ଅଛି । ସେମାନେ ଗୃହକର୍ତ୍ତାଙ୍କ ଅଗଣାରେ ଗୋଲାକୃତି ଭାବରେ ନାଚ଼ନ୍ତି । ଗୃହକର୍ତ୍ତା ପ୍ରତ୍ୟେକଙ୍କୁ ପାନ, ସାଧ୍ୟମତେ କିଛି ପଇସା ଏବଂ ଗୋଟିଏ ହଂସ ଦେଇ ବିଦାୟ ଦିଅନ୍ତି । ସେମାନେ ଗୃହସ୍ଥର ଶୁଭ କାମନା କରି ଗାଆନ୍ତି – 'ଗୋରୁ ବିହୁ ବିନା ଲକା ଆଶୀର୍ବାଦ, ତେହେ ପାବା ବୈକୁଣ୍ଠରେ ଥାନା ।' ଆସାମରେ ଥିବା କୁଡୁମି ଜାତି ବାନ୍ଦନାପର୍ବ କୁଡୁମି ପରମ୍ପରାନୁସାରେ ହିଁ ପାଳନ କରନ୍ତି । ଏହା ରୀତି ନୀତି ପାର୍ଥକ୍ୟ କେବଳ ବାଦ୍ୟ ଯନ୍ତ୍ରର । ମାଦଳ ପରିବର୍ତ୍ତେ ଆସାମରେ ଢୋଲ ବ୍ୟବହାର କରାଯାଏ । ଗୀତର ସମୂହରେ ଶବ୍ଦ ପ୍ରୟୋଗରେ କିଛି ପାର୍ଥକ୍ୟ ପରିଲକ୍ଷିତ ହୁଏ । ଧେଙ୍ଗୁଆନ ଦଳ ଗୀତ ଗାଉଥିବାବେଳେ ଯଦି ଗୃହସ୍ଥ ବିଦାୟ ଦେବାକୁ ଆୟୋଜନ ନକରେ, ତେବେ ସେମାନେ ଗୀତରେ ଶୁଣାଇ ଦିଅନ୍ତି –

(ଭାଲା ଅହିରେ) ପଇସା କେରି ବାତ ଅହିରା
　　ରିଝି ବୁଝି ଦିହରେ ବାବୁ ହ –
(ଆର) ନାହିଁ ଯଦି ଆଟୌୟେ ନାହିଁ ଯଦି ଜୁଟୟେ
　　ସୁମୁଖେ କରବେ ବିଦାୟ – ଅରେ ।

(ଟଙ୍କା ପଇସା ଆନନ୍ଦ ମନରେ ଦେଖି ଚିନ୍ତି ଦିଅ । ଆମେ ଅନ୍ୟ ଏକ ଲୋକର ଘରକୁ ଯିବୁ । ତୁମେ ଯଦି ଦେବାକୁ ଅକ୍ଷମ ତେବେ ଆନନ୍ଦ ମନରେ ବିଦାୟ ଦିଅ)

ବାନ୍ଦନାପର୍ବ ପରି ଅନ୍ୟାନ୍ୟ ପର୍ବ ଯଥା : କରମା, ଜିତୁଆ, ମକର, କୁଁଳାଃଖିଆ ଇତ୍ୟାଦି ବିଭିନ୍ନ ପର୍ବ ଏବଂ ବିବାହ କାର୍ଯ୍ୟରେ ଲଗନଧରା, ବଳିପାଳା, ମାଳୁଆ ପୂଜା, ସିନ୍ଦୁରଦାନ ଆଦି ସହିତ ଆମବେହା ଓ ମହୁଲ ବେହା ମଧ୍ୟ ପାରମ୍ପରିକ ରୀତିରେ ପାଳନ କରନ୍ତି ।

ଅସମୀୟା ସାହିତ୍ୟ ଓ ସଂସ୍କୃତିକୁ ପରିପୁଷ୍ଟ କରିବାରେ କୁଡୁମି ଲେଖକମାନଙ୍କ ମଧ୍ୟ ଅବଦାନ କମ୍ ନୁହେଁ । ଆସାମ ସାହିତ୍ୟ ସଭାର ଆଜୀବନ ସଦସ୍ୟ, ସୁସାହିତ୍ୟିକ ଶ୍ରୀଯୁକ୍ତ ସୁଶୀଲ କୁର୍ମି(ତିଳଆର) ଟୁସୁ ଗୀତର ମାଜେ ମାଜେ ଓ ଚା' ମଜଦୁର ଲୋକଗୀତ ପରି ଗବେଷଣାତ୍ମକ ବହୁ ପୁସ୍ତକ ରଚନା କରି କୁଡୁମି ସଂସ୍କୃତିକୁ ଆସାମରେ ସୁପରିଚିତ କରାଇଛନ୍ତି । ସେ ଉଦ୍ୟୋଗ ଓ ବାଣିଜ୍ୟ ବିଭାଗର ସଂପ୍ରସାରଣ ଅଧିକାରୀ ପଦବୀରେ ଥାଇ ମଧ୍ୟ ଆଜୀବନ ଅସମୀୟା ସାହିତ୍ୟର ସେବା କରି ଆସୁଛନ୍ତି । ସେହିପରି ଯୁବ ଲେଖକ ଜୟରାମ୍ କୁର୍ମି(ଚିଲବିନ୍ଧା), ଜୟନ୍ତ କୁର୍ମି(ହେମ୍ରମ) ବିନୋଦ କୁର୍ମି (କାଳଆର) ପ୍ରମୁଖ ଅସମୀୟା କାବ୍ୟ କବିତା ଓ ଗବେଷଣାତ୍ମକ ପୁସ୍ତକ ଲେଖି ଅସମୀୟା ସାହିତ୍ୟ ସେବାରେ ବ୍ରତୀ ଅଛନ୍ତି ।

କୁମାରୀ ଶେଓ୍ୱାଲୀ କୁର୍ମିକେବଳ କୁଡୁମି ଜାତିର ନୁହେଁ, ଚା' ଜନଜାତି ମଧ୍ୟରେ ପ୍ରଥମ ଡକ୍ଟରେଟ୍ ଡିଗ୍ରୀପ୍ରାପ୍ତା କନ୍ୟା । ସେହିପରି ନୋମଲ ମାହାଓ (ପୁନରିଆର) କୁଡୁମି ଜାତିର ପ୍ରଥମ ଏ.ପି.ଏସ୍. (Assam Police Service ) ଏବଂ ଆସାମ ଆରକ୍ଷୀ ବାହିନୀରେ ଥାଇ ମଧ୍ୟ ସ୍ୱଜାତି ମଧ୍ୟରେ ସୁସମ୍ପର୍କ ରଖି ସୁନାମ ଅର୍ଜନ କରିଛନ୍ତି । ଡିବ୍ରୁଗଡ଼ ରେଡ଼ିଓ ଷ୍ଟେସନରେ ଝୁମର ପରିବେଷଣ ପାଇଁ ପ୍ରଥମେ ଉଦ୍ୟମ କରିଥିବା ଚେନିରାମ କୁର୍ମି(ତିଳଆର) ଙ୍କ ସହଧର୍ମିଣୀ ଶ୍ରୀମତୀ ରୂପମ୍ କୁର୍ମିଚା' ଜନଗୋଷ୍ଠୀର ପ୍ରଥମ ମହିଳା କ୍ୟାବିନେଟ ମନ୍ତ୍ରୀ ଥିଲେ । ଏବେ ତାଙ୍କ ପୁତ୍ର ଶ୍ରୀ ରୂପଜ୍ୟୋତି କୁର୍ମିଜୋରହାଟ ଜିଲ୍ଲାର ମରିଆନି ନିର୍ବାଚ଼ନ ମଣ୍ଡଳୀର ବିଧାନସଭା ସଦସ୍ୟ ରୂପେ ରହି କୁଡୁମି ଜାତିର ସମ୍ମାନ ବୃଦ୍ଧି କରିଛନ୍ତି । ଆସାମ ଓ ଓଡ଼ିଶା ମଧ୍ୟରେ ଦୀର୍ଘ ଦିନ ଧରି ଯୋଗାଯୋଗ ନଥିବାରୁ ଆମେ ଗୋଟିଏ ଜାତି ହୋଇ ମଧ୍ୟ ଆମ ମଧ୍ୟରେ ଭାବର ଆଦାନ ପ୍ରଦାନ ହୋଇ ପାରୁ ନାହିଁ । ଦୂରତ୍ୱର ପାଚେରୀ ଭାଙ୍ଗି ସାଂସ୍କୃତିକ ବିନିମୟ